# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ, ରେମୁଣା

ବିଜ୍ଞାପନ ସଂଖ୍ୟା 1100 // ତା 03.12.2025 //

ଏତଦଦ୍ୱାରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ରେମୁଣା ଅନ୍ତର୍ଗତ ତାମୁଳିଆ ଅଙ୍ଗନୱାଡ଼ି କେନ୍ଦ୍ରର ସେବା ଅଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ରେମୁଣା ଅଧିନସ୍ଥ ଖାଲିଥିବା ତାମୁଳିଆ ଅଙ୍ଗନୱାଡ଼ି କେନ୍ଦ୍ର ର ଅଙ୍ଗନୱାଡ଼ି ସହାୟିକା ପଦବୀ ପୂରଣ ନିମନ୍ତେ ଯୋଗ୍ୟ ମହିଳା ପ୍ରାର୍ଥିନୀଙ୍କ ଠାରୁ Online ମାଧମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥିନୀ online ମାଧମରେ ଏହି ୱେବସାଇଟ) http://engagement-awc.odisha.gov.in)ରେ public signରେ registration କରି public login କରି USER ID & PASSWORDକୁ ଯାଇ ଆବଶ୍ୟକ ହେଉଥିବା ସମସ୍ତ ମୂଳ) Original) ପ୍ରମାଣ ପତ୍ରରୁ Upload କରି ଦରଖାସ୍ତ ଆବେଦନ କରିବେ । ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ତା 18.12.2025..............ରିଖ ଅଟେ ।

ଅଙ୍ଗନୱାଡ଼ି ସହାୟିକା ପଦବୀ ପୂରଣ ନିମନ୍ତେ ଖାଲିପଡିଥିବା ଅଙ୍ଗନୱାଡ଼ି କେନ୍ଦ୍ର ର ତାଲିକା ନିମ୍ନରେ ଦିଆଗଲା ।

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ସେକ୍ଟରର ନାମ | ଅଙ୍ଗନୱାଡ଼ି କେନ୍ଦ୍ରର ନାମ | ଅଙ୍ଗନୱାଡ଼ି କେନ୍ଦ୍ର ପରିସର ଭୁକ୍ତ ଗ୍ରାମ, ସାହି, ପଡ଼ାର ନାମ । | ମନ୍ତବ୍ୟ |
|---|---|---|---|---|---|
| ୧ | କୁରୁଡା | କୁରୁଡା | ତାମୁଳିଆ | ଅଙ୍ଗନୱାଡ଼ି କର୍ମୀଙ୍କ ସର୍ବେକ୍ଷଣ ରେଜିଷ୍ଟର ଅନୁଯାୟୀ ଘର ନମ୍ବର – ୧ ଲକ୍ଷ୍ମୀଧର ସେଠୀ ଙ୍କ ଘର ଠାରୁ ଘର ନମ୍ବର – ୧୧୦ ରବୀନ୍ଦ୍ରନାଥ ଦାସ ଙ୍କ ଘର ପର୍ଯ୍ୟନ୍ତ । | |

3.12.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ରେମୁଣା
Child Development Project Officer
Remuna

## ଅଙ୍ଗନୱାଡ଼ି ସହାୟିକା ପଦବୀ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା ।

୧ .ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳର ପରିସରଭୁକ୍ତ ଏବଂ ସେହି ଅଙ୍ଗନୱାଡ଼ି କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ । ସମ୍ପୃକ୍ତ ପ୍ରାର୍ଥିନୀ/ଦରଖାସ୍ତକାରିଣୀଙ୍କ ସ୍ଥାୟୀ ବାସିନ୍ଦାର ପ୍ରମାଣ ଦର୍ଶାଇବା ନିମନ୍ତେ ଉକ୍ତ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର) Resident Certificate) ତହସିଲଦାର, ରେମୁଣା ଙ୍କ ଠାରୁ ପ୍ରାପ୍ତ କରି ଅନଲାଇନରେ ଅପଲୋଡ କରିବା ନିତ୍ୟାନ୍ତ ଆବଶ୍ୟକ ଅଟେ ।

୨ .ପ୍ରାର୍ଥିନୀଙ୍କ ବୟସ ତା – ୦୧/୦୧/୨୦୨୫ ରିଖ ସୁଦ୍ଧା ୧୮ ବର୍ଷରୁ ସମ୍ପୂର୍ଣ ହୋଇଥିବ ଏବଂ ୩୫ ବର୍ଷରୁ ଅଧିକ ହୋଇନଥିବ ।

୩ .ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅତି କମରେ ଦ୍ୱାଦଶ (+୨) ପାସ ହୋଇଥିବା ଆବଶ୍ୟକ । ଚୟନ ପାଇଁ (+୨) ରେ ରଖିଥିବା ଶତକଡା ନମ୍ବରକୁ ହିସାବ କରାଯିବ । ପ୍ରାର୍ଥିନୀଙ୍କ ଯଦି intermediate ଠାରୁ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥାଏ, ତେବେ ତାର ପ୍ରମାଣ ପତ୍ର mark sheet ସହିତ ସଂଲଗ୍ନ କରି onlineରେ upload କରିବେ । ଏତଦବ୍ୟତୀତ ନିମ୍ନଲିଖିତ ଶ୍ରେଣୀଭୁକ୍ତ ପ୍ରାର୍ଥିନୀଙ୍କୁ ସରକାରଙ୍କ ଅଙ୍ଗନୱାଡ଼ି ସହାୟିକା ଚୟନ ନିର୍ଦ୍ଦେଶାବଳୀ ପତ୍ର ସଂଖ୍ୟା/4970 – WCD ତା 2023/03/15 – ଅନୁଯାୟୀ ଅତିରିକ୍ତ ମୂଲ୍ୟାଙ୍କନ ପ୍ରଦାନ କରାଯିବ ଏବଂ ସେଥିପାଇଁ ସେମାନଙ୍କୁ ଆବଶ୍ୟକୀୟ ପ୍ରମାଣ ପତ୍ର onlineରେ ଅପଲୋଡ କରିବାକୁ ହେବ ।

i) ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି (SC/ST) ହୋଇଥିଲେ ।

ii) ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତା ମାତା ନ ଥିବା )ହୋଇଥିଲେ ।

iii) ନିରାଶୟ/ଛାଡପତ୍ର/ପରିତ୍ୟକ୍ତା ମହିଳା ହୋଇଥିଲେ ।

iv) ବିଧବା ହୋଇଥିଲେ ।

v) ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିଲେ ।

୪ .ପ୍ରାର୍ଥିନୀ ଓଡିଆରେ ଲେଖି ଓ ପଢି ପାରୁଥିବା ଆବଶ୍ୟକ ।

୫ .ପ୍ରାର୍ଥିନୀ ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ ଅଙ୍ଗନୱାଡ଼ି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ଥିବା ଆବଶ୍ୟକ ।

୬ .ଅଙ୍ଗନୱାଡ଼ି ସହାୟିକା ପଦଟି ସରକାରୀ ପଦବାଚ୍ୟ ନ ହୋଇ ଏକ ସ୍ୱେଚ୍ଛାସେବିକା ହେତୁ ଅବୈତନିକ ପଦବୀ ପାଇଁ ନିର୍ଦ୍ଦିଷ୍ଟ ଦରମା ବ୍ୟବସ୍ଥା ନାହିଁ କିମ୍ବା ଏହା ଏକ ନିୟମିତ ସରକାରୀ ଚାକିରି ନୁହେଁ । ତେଣୁ ଓଡିଶା ସରକାରଙ୍କ ଓ.ଆର.ଭି .ଆକ୍ଟ- ୧୯୭୫ କିମ୍ବା କର୍ମ ସଂସ୍ଥାନ ନିଯୋଜନ ଆଇନ – ୧୯୫୯ ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ । ସରକାରଙ୍କ ନିୟମ ଅନୁସାରେ ଅଙ୍ଗନୱାଡ଼ି ସହାୟିକାଙ୍କ ମାସିକ ଭତ୍ତା ୫,୦୦୦/- (ପାଞ୍ଚ ହଜାର ଟଙ୍କା) ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ ।

୭ .ପ୍ରାର୍ଥିନୀ ଆବେଦନ ସମୟରେ ସମସ୍ତ ମୂଳ ପ୍ରମାଣ ପତ୍ର ମୂଳ କାଗଜାତରୁ scan କରି ଅପଲୋଡ କରିବେ । Xerox copyରୁ scan କରି ଅପଲୋଡ କରିବେ ନାହିଁ । ଏବଂ ସମସ୍ତ ମୂଳ ପ୍ରମାଣ ପତ୍ର (Original Documents) ଯାଞ୍ଚ ଦିବସରେ ପ୍ରାର୍ଥିନୀ କାର୍ଯ୍ୟାଳୟରେ ଦାଖଲ କରିବେ । କୌଣସି ପ୍ରମାଣ ପତ୍ର ଅଭାବରେ କୌଣସି Undertaking ଗ୍ରହଣ କରାଯିବ ନାହିଁ । ଅନଲାଇନ ମାଧ୍ୟମରେ ଦରଖାସ୍ତ ଫର୍ମର ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ ସ୍ଥାନ ସଠିକ ଭାବରେ ପୂରଣ ଏବଂ ଦସ୍ତଖତ ହେବା ଆବଶ୍ୟକ । ପ୍ରାର୍ଥିନୀ ଡାକ ଦ୍ୱାରା କିମ୍ବା ସିଧାସଳଖ ଭାବରେ ଆବେଦନ ପତ୍ର କିମ୍ବା ଅଭିଯୋଗ ନିମ୍ନସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ ନାହିଁ । ଯଦି କରନ୍ତି ତେବେ ସେମାନଙ୍କ ଦରଖାସ୍ତକୁ ନାକଚ କରାଯିବ ।

୮ .ନିମ୍ନସ୍ୱାକ୍ଷରକାରିଣୀ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ଅଙ୍ଗନୱାଡ଼ି ସହାୟିକା ଚୟନକୁ କୌଣସି ମୁହୂର୍ତ୍ତରେ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ । ଏଥିପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ । ଆବଶ୍ୟକ ହେଲେ ଶୁଦ୍ଧିପତ୍ର (Corrigendum) ପ୍ରକାଶ କରାଯିବ ।

୯ .ସମସ୍ତ ପ୍ରାର୍ଥିନୀଙ୍କୁ ସୂଚିତ କରାଯାଉଅଛି ଯେ ଆସନ୍ତା ତା ...19.12.2025...... ରିଖ ପୂର୍ବାହ୍ନ ......11...... ଘଟିକା ସମୟରେ ନିମ୍ନସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟରେ ସମସ୍ତ ମୂଳ ପ୍ରମାଣ ପତ୍ର ବା ଦସ୍ତାବିଜ (Original Certificate on Documents) ସହିତ ନିଜେ ପ୍ରାର୍ଥିନୀ ଉପସ୍ଥିତ ରହି ନିଜର ପ୍ରମାଣ ପତ୍ର ଗୁଡିକୁ ଯାଞ୍ଚ କରାଇନେବେ ଅନ୍ୟଥା ତାଙ୍କ ଦରଖାସ୍ତକୁ ନାକଚ କରାଯିବ । ଯାଞ୍ଚ ଦିବସରେ ଅନୁପସ୍ଥିତ ରହିଲେ ପ୍ରାର୍ଥିନୀଙ୍କ ଦରଖାସ୍ତକୁ ନାକଚ କରାଯିବ ।

**<u>ନିମ୍ନଲିଖିତ ପ୍ରମାଣପତ୍ର ଆବେଦନ କରିବା ସମୟରେ ଦାଖଲ କରିବେ ।</u>**

୧ .ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବ ଏବଂ Deputy Secretary to Govt. of Odisha, Revenue & Disaster Management Department)ଙ୍କ Resolution No . RDM-GOEB-MISC-/38785-2015-0039R & DM, Dtd। 2018/09/24 ଅନୁଯାୟୀ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ଅବଧି ୫ ବର୍ଷ କରାଯାଇଅଛି । (ବର୍ତ୍ତମାନ ର online certificate ଦାଖଲ କରିବେ।)

୨ .ଜାତିଗତ ପ୍ରମାଣପତ୍ର ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତକରି onlineରେ upload କରିବେ ।

୩ .ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଏବଂ ମାର୍କସିଟ onlineରେ upload କରିବେ ।

୪ .ବୟସ ପ୍ରମାଣପତ୍ର ନିମନ୍ତେ ଦଶମ (ମ୍ୟାଟ୍ରିକ ପାସ Certificate) ପ୍ରମାଣପତ୍ର onlineରେ upload କରିବେ ।

୫ .ବିଧବା, ଅନାଥ, ଛାଡପତ୍ର ପ୍ରାପ୍ତ, ନିରାଶ୍ରୟ ହୋଇଥିଲେ ତତ ସମ୍ବନ୍ଧୀୟ ପ୍ରମାଣପତ୍ର onlineରେ upload କରିବେ ।

ଏହି ବିଜ୍ଞାପନ ପ୍ରକାଶନ ଠାରୁ ଚୟନ ପ୍ରକ୍ରିୟା ସମାପ୍ତ ମଧ୍ୟରେ ଯଦି ସରକାରଙ୍କ ଠାରୁ କୌଣସି ପରିବର୍ତ୍ତନ ନିର୍ଦ୍ଦେଶାବଳୀ ହସ୍ତଗତ ହୁଏ ସେ ପରିସ୍ଥିତିରେ ବିଜ୍ଞାପନ ରଦ୍ଦ କରାଯାଇପାରିବ ।

3.12.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ରେମୁଣା

ପରିପତ୍ର ସଂଖ୍ୟା 1101 //ତା 03.12.2025 //

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ବାଲେଶ୍ୱର/ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ବାଲେଶ୍ୱର/ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେମୁଣା/ ତହସିଲଦାର, ରେମୁଣା/ ଗୋଷ୍ଠୀ ଶିକ୍ଷା ଅଧିକାରୀ, ରେମୁଣା/ ଚିକିତ୍ସା ଅଧିକାରୀ, ରେମୁଣା ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

3.12.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ରେମୁଣା
Child Development Project Officer
Remuna

ପରିପତ୍ର ସଂଖ୍ୟା 1102 //ତା 03.12.2025 //

ଏହାର ଏକକିତା ନକଲ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ସହାୟିକା ଚୟନ କମିଟିର ସଦସ୍ୟ ହିସାବରେ ତା 19.12.2025 ରିଖରେ ଦରଖାସ୍ତକାରିଣୀଙ୍କ ମୂଳ ପ୍ରମାଣପତ୍ର ଯାଞ୍ଚ କରିବା ସମୟରେ ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରାଗଲା ।

3.12.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ରେମୁଣା
Child Development Project Officer
Remuna

ପରିପତ୍ର ସଂଖ୍ୟା 1103 //ତା 03.12.2025 //

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କ ଅବଗତି ଏବଂ ବହୁଳ ପ୍ରସାରଣ ନିମନ୍ତେ ଉକ୍ତ ଏବଂ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ବହୁଳ ପ୍ରସାରଣ ନିମନ୍ତେ ଲଗାଇବାକୁ ଅନୁରୋଧ କରାଗଲା ।

3.12.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ରେମୁଣା
Child Development Project Officer
Remuna

ପରିପତ୍ର ସଂଖ୍ୟା 1104 //ତା 03.12.2025 //

ଏହାର ଏକକିତା ନକଲ ସମ୍ପୃକ୍ତ କ୍ଷେତ୍ର ପରିଦର୍ଶିକା /ଅଙ୍ଗନୱାଡ଼ିକର୍ମୀଙ୍କ ଅବଗତି ଏବଂ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଅଙ୍ଗନୱାଡ଼ି କର୍ମୀଙ୍କୁ ନିର୍ଦ୍ଦେଶ ଯେ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳରେ ନୋଟିସ ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଇ ତାହାର ପ୍ରାପ୍ତି ସ୍ୱୀକାରୋକ୍ତି ୭(ସାତ) ଦିନ ମଧ୍ୟରେ ପରିଦର୍ଶିକାଙ୍କ ମାଧ୍ୟମରେ କାର୍ଯ୍ୟାଳୟରେ ଦାଖଲ କରିବେ ।

3.12.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,
ରେମୁଣା
Child Development Project Officer
Remuna